ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1478/20-03-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୨୦ ମାର୍ଚ୍ଚ,୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଧରିତ୍ରୀ ଲାଇଭ୍ ଓ ଓଡ଼ିଶା ପୋଷ୍ଟ ଲାଇଭ୍ ଦ୍ୱାରା ଆୟୋଜିତ 'ବିଜିନେସ ଏମିନେନ୍ସ ଆୱାର୍ଡସ୍'ରେ ବ୍ୟବସାୟୀ ଗୋଷ୍ଠୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ ପୁରସ୍କାର ପାଇଥିବା ଉଦ୍ୟୋଗୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ମହାମାରୀ ସତ୍ତ୍ୱେ ସେମାନଙ୍କ ସଫଳତା ପ୍ରେରଣାଦାୟୀ ବୋଲି କହିଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୃଷି ପରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏମ୍ଏସ୍ଏମ୍ଇ ଏକ ପ୍ରମୁଖ କ୍ଷେତ୍ର ହୋଇଥିବାରୁ ଏହା ଉପଯୁକ୍ତ ସହାୟତା ଆବଶ୍ୟକ କରେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି କ୍ଷେତ୍ରକୁ ଅନୁଦାନ ବୃଦ୍ଧି ଏବଂ ସରକାରଙ୍କ ଦ୍ୱାରା ଏମ୍ଏସ୍ଏମ୍ଇଗୁଡ଼ିକୁ ୨୮୯ କୋଟି ଟଙ୍କାର ସ୍ୱତନ୍ତ୍ର କୋଭିଡ୍ ପ୍ୟାକେଜ୍‌ର ଦୃଷ୍ଟାନ୍ତ ଦେଇ ସ୍ଥାନୀୟ ଶିଳ୍ପଗୁଡ଼ିକୁ ତାଙ୍କର ସହାୟତା ନିମନ୍ତେ ଥିବା ପ୍ରତିଶ୍ରୁତିକୁ ଦୋହରାଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପଖାଳ ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ଓଡ଼ିଆ ଖାଦ୍ୟସଂସ୍କୃତିରେ, ବିଶେଷ ଭାବରେ ମୋର ପ୍ରିୟ ପଖାଳ ପ୍ରତି ସ୍ୱତନ୍ତ୍ର ପସନ୍ଦ ରହିଅଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟ ଓ ଦେଶ ବାହାରୁ ଆସୁଥିବା ଅତିଥିମାନଙ୍କୁ ପଖାଳ ପରିବେଷଣକୁ ମନେପକାଇଥିଲେ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଇଣ୍ଡିଆ ଟୁଡେ'ର ସଦ୍ୟତମ ପ୍ରକାଶନରେ ଆନୁଷ୍ଠାନିକ ଭାବେ ଜଳଯୋଗାଣ ଏବଂ ତୃଣମୂଳ ସ୍ତରରେ ଥିବା ଜଟିଳ ଜଳସମସ୍ୟାର ସମାଧାନରେ ଓଡ଼ିଶାର ପାଣି ପଞ୍ଚାୟତଗୁଡ଼ିକର ଭୂମିକା ସଂପର୍କରେ ଉଲ୍ଲେଖ କରାଯାଇଛି । କୃଷକ ଓ ସ୍ଥାନୀୟ ଜନସାଧାରଣଙ୍କୁ ସଂପୃକ୍ତ କରି ଏହି ଅନୁଷ୍ଠାନଗୁଡ଼ିକ ସ୍ୱଚ୍ଛ ଜଳ ବଣ୍ଟନରେ ସଫଳ ହୋଇଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କୋଷ୍ଟାଲ କର୍ପୋରେସନ୍‌କୁ ଗଜପତି ଜିଲ୍ଲାରେ ସେମାନଙ୍କର ଏକ ୟୁନିଟ୍ ସ୍ଥାପନରେ ସମୟୋଚିତ ସହଯୋଗ ଯୋଗାଇ ଦେଇଥିବାରୁ ଜିଲ୍ଲା ପ୍ରଶାସନକୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରଶାସନର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଏବଂ ଉପଯୁକ୍ତ ଜମି ଚିହ୍ନଟ ଯୋଗୁଁ ଓଡ଼ିଶା ଏହି ଗୁରୁତ୍ୱପୂର୍ଣ୍ଣ ନିବେଶ ଆକର୍ଷଣ କରିପାରିଛି ବୋଲି ସେ କହିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୮୭,୬୨,୬୦୭ ଟି ନମୁନା କୋଭିଡ୍‌-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୮,୭୧୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୫, ୯୯୪ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୮ ଜଣ କୋଭିଡ୍‌-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୭୫୪ ରହିଛି ।
- ୭୫୪ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**